ଓଡିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

**<u>ନୋଟିସ</u>**

ସଂଖ୍ୟା 1563 /୨୦୨୬ ତାରିଖ : 26 / 03 /୨୦୨୬

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୨୧ ର ଅଧିନିୟମ (୧) ଓ (୨) ଅନୁଯାୟୀ ଏହି ନୋଟିସ ଦ୍ୱାରା ସୂଚାଇ ଦିଆଯାଉଅଛି କି ଯେ, ତାରିଖ-୧୬/୦୩/୨୦୨୬ ର ଓଡିଶା ଗେଜେଟରେ ପ୍ରକାଶିତ ନମ୍ବର- ୧୧୬୮/୨୦୨୬, ତାରିଖ-୧୬/୦୩/୨୦୨୬ ର ଘୋଷଣାପତ୍ର କ୍ରମେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ (୧) ଅନୁସାରେ ସର୍ବସାଧାରଣଙ୍କ ସକାଶେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ **ଗ୍ରାମ: ଏକମ୍ବା, ଥାନା : ଜୟପୁର-୨୨, ତହସିଲ : ଜୟପୁର, ଜିଲ୍ଲା : କୋରାପୁଟ** ରୁ ପ୍ରସ୍ତାବିତ ଏକର **୧୨.୬୨୦** ସେଣ୍ଟ ପରିମିତ ଯେଉଁ ଜମିର ବିବରଣୀ ନିମ୍ନ ତଫସିଲରେ ଦିଆଗଲା ଏବଂ ଯହିଁରେ ରେଳ ରେଖା ଚିହ୍ନ ଦିଆଯାଇ ମାପ କରାଯାଇଅଛି , ସେହି ଜମି ଭାରତ ସରକାରଙ୍କ ତରଫରୁ ଓଡିଶା ସରକାର ସର୍ବସାଧାରଣ ସକାଶେ ଉକ୍ତ ରେଳ ସଂଯୋଗି କରଣ ପ୍ରକଳ୍ପ ସକାଶେ ନେବା ହେବେ । ସେହି ଜମିରେ ଯେଉଁ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି, ସେମାନଙ୍କ ପ୍ରତି ଏତଦ୍ୱାରା ଏହି ଆଦେଶ ହେଉଅଛି ଯେ, ଏହି ନୋଟିସ ପ୍ରକାଶ ହେବାର ଏକ ମାସ ମଧ୍ୟରେ ଅର୍ଥାତ, ତାରିଖ 26/04/26 ,ଘ 05:00 PM ଣ୍ଟା ସମୟରେ **ଜୟପୁର ତହସିଲ କାର୍ଯ୍ୟାଳୟରେ** ସେମାନେ ସ୍ୱୟଂ କିମ୍ବା ନିଜ ନିଜର କ୍ଷମତାପ୍ରାପ୍ତ ପ୍ରତିନିଧି କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଆପଣା ଆପଣା ସ୍ୱାର୍ଥର ସମସ୍ତ ପ୍ରକୃତି ବିବରଣୀ ଓ ସେହି ସେହି ସ୍ୱାର୍ଥ ନିମିତ୍ତ ସେମାନେ ବା ଅନ୍ୟମାନେ ଯାହାର ଯେ କୌଣସି ନ୍ୟସ୍ତସ୍ୱାର୍ଥ ଥାଏ, ତାହା ପ୍ରାଞ୍ଜଳ ଭାବେ ଦର୍ଶାଇ ସ୍ୱାକ୍ଷର କରି କ୍ଷତିପୂରଣର ପରିମାଣ ଓ ଯେତେ ଟଙ୍କା ଦାବୀ କରନ୍ତି ଓ ସେହି ଦାବିର ସବିଶେଷ ବିବରଣୀ ଏବଂ ଉକ୍ତ ଜମିର ଜମି ଅଧିଗ୍ରହଣ ଆଇନ (RFCTLAR & R Act, 2013) ଧାରା ୧୨ ଓ ୨୦ ଅନୁଯାୟୀ ହୋଇଥିବା ମାପ ସମ୍ବନ୍ଧରେ ସେମାନଙ୍କର କୌଣସି ଆପତ୍ତି ଥିଲେ, ତାହା ଓ ସେ ଜମି ଉପରେ ଗତ ତିନିବର୍ଷ ଯାଏ ଥିବା ବନ୍ଧକସତ୍ୱ, ସୁଧ ଇତ୍ୟାଦିର ପୁରା ବିବରଣୀ ଓ ଅନ୍ୟାନ୍ୟ ସତ୍ୱାଧିକାରୀଙ୍କ ନାମ, ଧାମ ଓ ପୁରା ଠିକଣା ଲିଖିତ ଭାବେ ଦାଖଲ କରି ଜଣାଇବେ ।

ପୁନଶ୍ଚ ଏହା ଅବଗତି କରାଯାଉଅଛି ଯେ **ମୌଜା : ଏକମ୍ବା, ଥାନା : ଜୟପୁର-୨୨ , ତହସିଲ : ଜୟପୁର , ଜିଲ୍ଲା : କୋରାପୁଟ** ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

## ଟଫସିଲ
## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ	ତହସିଲ : **ଜୟପୁର**

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକ୍ବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଏକମ୍ବା** | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜିଲ୍ଲାପାଳ , କୋରାପୁଟ

# ଭୂମି ଅନୁସୂଚୀ

## ମୌଜା:ଏକମ୍ବା, ଥାନା-ଜୟପୁର ନଂ-୨୨, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ

### ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| କ୍ର.ସଂ | ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର | .ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨୨ | ରୟତି | ୨୨୯ | ୦.୩୭୦ | ୦.୦୪୯ | ଡଙ୍ଗର-୨ | ଗୁରୁ ଗାଦବା, ପି-ଅର୍ଜୁନ ଗାଦବା,ଜା-ଗାଦବା, ବା-ନିଜଗାଁ |
| ୨ | ୪୭ | ରୟତି | ୨୩୦ | ୦.୬୧୦ | ୦.୨୬୪ | ଡଙ୍ଗର-୨ | ଡମ୍ବରୁ ଗାଦବା, ପି-ଘାସି ଗାଦବା, ଜା-ଗାଦବା, ବା-ନିଜଗାଁ |
| ୩ | ୭୯ | ରୟତି | ୨୩୧ | ୦.୬୬୦ | ୦.୦୨୬ | ଡଙ୍ଗର-୨ | ବୁଦୁ ଗାଦବା, ପି-ସାନିଆ ଗାଦବା, ଜା-ଗାଦବା, ବା-ନିଜଗାଁ |
| ୪ | ୧୪୪/୧୦୭ | ରୟତି | ୨୩୩/୭୨୭ | ୨.୧୭୦ | ୨.୦୯୪ | ଧାନ-୩ | ଗୋପିନାଥ ପାଲାମ ପି-ସୁନାଧର ପାଲାମ, ଜା-ରଣା, ବା-ଏକମ୍ବା |
| ୫ | ୧୪୪/୨୧୯ | ରୟତି | ୨୩୩/୮୩୯ | ୧.୩୦୦ | ୧.୧୦୦ | ଧାନ-୩ | ଗୋପିନାଥ ପାଲାମ ପି-ସୁନାଧର ପାଲାମ, ଜା-ରଣା, ବା-ଏକମ୍ବା |
| ୬ | ୧୪୪/୧୪୮ | ରୟତି | ୨୩୪ | ୦.୫୨୦ | ୦.୪୩୯ | ଡଙ୍ଗର-୨ | ଲକ୍ଷଣ ଗାଦବା, ସଦାଶିବ ଗାଦବା ପି-ଧବଲୁ ଗାଦବା, ଜା-ଗାଦବା, ବା-ଏକମ୍ବା |
| ୭ | ୧୪୪/୧୪୮ | ରୟତି | ୨୩୨/୭୭୮ | ୦.୬୫୦ | ୦.୫୯୦ | ଡଙ୍ଗର-୨ | ଲକ୍ଷଣ ଗାଦବା, ସଦାଶିବ ଗାଦବା ପି-ଧବଲୁ ଗାଦବା, ଜା-ଗାଦବା, ବା-ଏକମ୍ବା |
| ୮ | ୧୪୪/୭୭୭ | ରୟତି | ୩୭୨/୧. | ୦.୯୯୨ | ୦.୨୬୩ | ଡଙ୍ଗର-୨ | ଅରୁଣ କୁମାର ତ୍ରିପାଠୀ ପି-ଗୋପିନାଥ ତ୍ରିପାଠୀ, ଜା-ବ୍ରାହ୍ମଣ, ବା-ପାବରହାଉସ କଲୋନୀ, ଜୟପୁର |
| ୯ | ୧୪୪/୭୦୨ | ରୟତି | ୩୭୨/୧/୧୨୮୫ | ୦.୦୨୨ | ୦.୦୨୨ | ଡଙ୍ଗର-୨ | ମହେନ୍ଦ୍ର କୁମାର ଭଞ୍ଜ ପି-କିଶୋର ଚନ୍ଦ୍ର ଭଞ୍ଜ, ଜା-ବ୍ରାହ୍ମଣ, ବା-ଡଙ୍ଗରପାଉଁଶି, କୁନ୍ଦ୍ରା |
| ୧୦ | ୧୪୪/୭୦୩ | ରୟତି | ୩୭୨/୧/୧୨୮୬ | ୦.୦୪୫ | ୦.୦୪୫ | ଡଙ୍ଗର-୨ | ସତ୍ୟ ପ୍ରକାଶ ହୋତା ପି-ସୁଭାଷ ଚନ୍ଦ୍ର ହୋତା, ଜା-ବ୍ରାହ୍ମଣ, ବା-ଖ୍ରୀଷ୍ଟିୟାନପେଟା, ଜୟପୁର |
| ୧୧ | ୧୪୪/୭୫୦ | ରୟତି | ୩୭୨/୧/୧୩୪୦ | ୦.୦୨୨ | ୦.୦୨୨ | ଡଙ୍ଗର-୨ | ଜ୍ୟୋସ୍ନା ରାଉଳ, ପି-ରଘୁନାଥ ରାଉଳ, ଜା-ଖଣ୍ଡାୟତ, ବା-ପାରାବେଡା, ଜୟପୁର |
| ୧୨ | ୧୪୪/୭୭୪ | ରୟତି | ୩୭୨/୧/୧୩୬୩ | ୦.୦୨୨ | ୦.୦୨୨ | ଡଙ୍ଗର-୨ | ସୁବ୍ରତ କୁମାର ପଣ୍ଡା ପି-ବାଇନାଥ ପଣ୍ଡା ଜା-ବ୍ରାହ୍ମଣ, ବା-ଲାଲସାହି, ଜୟପୁର |
| ୧୩ | ୧୪୪/୭୫୬ | ରୟତି | ୩୭୨/୧/୧୩୪୭ | ୦.୦୨୨ | ୦.୦୧୦ | ଡଙ୍ଗର-୨ | ଆଦିତ୍ୟ ପଟ୍ଟନାୟକ ପି-ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଜା-ବ୍ରାହ୍ମଣ, ବା-ଗୋଡିଆମାଳିସାହି, ଜୟପୁର |
| ୧୪ | ୧୪୬ | ରୟତି | ୩୬୯ | ୨.୯୦୦ | ୦.୪୯୪ | ଧାନ-୩ | ପୁରୁଷୋତ ମୁଖି ପି-ଆଦିଆ ମୁଖି |
| ୧୫ | ୧୪୪/୬୭୬ | ରୟତି | ୩୭୧/୪ | ୦.୮୪୦ | ୦.୦୮୧ | ଡଙ୍ଗର-୨ | ବିଘ୍ନରାଜ ପାତ୍ର ପି-ପୁରୁଷୋତମ ପାତ୍ର ଜା-ଖଣ୍ଡାୟତ, ବା-ନୂଆସହି, ଜୟପୁର |
| ୧୬ | ୧୪୪/୮୬୨ | ରୟତି | ୩୭୦/୧୪୪୧ | ୩.୩୭୦ | ୧.୦୩୧ | ଡଙ୍ଗର-୨ | ସୁରେଶ ଶତପଥି, ସୁଜିତ ଶତପଥି,ସୁଧିର ଶତପଥି ପି-ଉମାଚରଣ ଶତପଥି, ଜା-ବ୍ରାହ୍ମଣ, ବା-ମହାରାଣୀପେଟା, ଜୟପୁର |
| ୧୭ | ୧୪୪/୭୭ | ରୟତି | ୩୭୦/୬୫୧ | ୪.୩୮୦ | ୦.୯୧୪ | ଡଙ୍ଗର-୨ | ମନୋରମା ପତି ସ୍ୱା-କୃଷ୍ଣଚନ୍ଦ୍ର ପତି, ଜା-ବ୍ରାହ୍ମଣ, ବା-ଜୟପୁର |
| | ମୋଟ | | | | ୭.୪୬୬ | | |
| | | | | ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | |
| ୧ | ୮୯ | ରୟତି | ୨୪୬ | ୩.୩୬୦ | ୩.୩୬୦ | ଡଙ୍ଗର-୨ | ଭୀମ୍ ଶୁଣ୍ଡା, ଲବ ଶୁଣ୍ଡା, ଗୋବରଧନ ଶୁଣ୍ଡା, ପି-ଝିଟୁ ଶୁଣ୍ଡା, ଜା-ଭୂମିଆଁ, ବା-ନିଜଗାଁ |
| ୨ | ୮୮ | ରୟତି | ୨୪୭ | ୧.୧୪୦ | ୦.୭୩୪ | ଧାନ-୨ | ଭୀମ୍ ଶୁଣ୍ଡା, ଲବ ଶୁଣ୍ଡା, ଗୋବରଧନ ଶୁଣ୍ଡା, ପି-ଝିଟୁ ଶୁଣ୍ଡା, ଜା-ଭୂମିଆଁ, ବା-ନିଜଗାଁ |
| ୩ | ୬୭ | | ୨୬୮ | ୧.୧୩୦ | ୧.୧୩୦ | ଡଙ୍ଗର-୨ | ପୋଡା ଗାଦବା,ପି-କଣ୍ଣୁ ଗାଦବା ଜା-ଗାଦବା,ବା-ନିଜଗାଁ |
| | ମୋଟ | | | | ୫.୨୨୪ | | |
| | **ସର୍ବମୋଟ୍** | | | | ୧୨.୬୯୦ | | |

**ପରିପତ୍ର ସଂଖ୍ୟା 1564/୨୦୨୬** **ତାରିଖ 26/3/26**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଯୁଗ୍ମ ଶାସନ ସଚିବ, ରାଜସ୍ୱ ବିଭାଗ, ଓଡିଶା, ଭୁବନେଶ୍ୱର ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା 1565/୨୦୨୬** **ତାରିଖ 26/3/26**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଅତିରିକ୍ତ ଶାସନ ସଚିବ, ରାଜସ୍ୱ କମିଶନର୍, ଦକ୍ଷିଣାଞ୍ଚଳ ବ୍ରହ୍ମପୁର ଜୁଷ୍ଟାନଓଡିଶାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟା ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା 1566/୨୦୨୬** **ତାରିଖ 26/3/26**

ଏହାର ଏକକିତା ନକଲ ଉପ ମୁଖ୍ୟ ଯନ୍ତ୍ରୀ , (ନିର୍ମାଣ)ପୂର୍ବତଟ ରେଳପଥ ର ମୁଖ୍ୟ କୋରାପୁଟ , ପ୍ରଶାସନିକ ଅଧିକାରୀ ,(ନିର୍ମାଣ)ପୂର୍ବତଟ ରେଳପଥଭୁବନେଶ୍ୱର ,ଙ୍କ ଅବଗତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା 1567/୨୦୨୬** **ତାରିଖ 26/3/26**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ସଂପୃକ୍ତ ଗ୍ରାମପଞ୍ଚାୟତ ର ସରପଞ୍ଚ ଙ୍କ ଅବଗତି ଏବଂ ପରବର୍ତ୍ତୀକାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା 1568/୨୦୨୬** **ତାରିଖ 26/3/26**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଉପ-ଜିଲ୍ଲାପାଳଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା 1569/୨୦୨୬** **ତାରିଖ 26/3/26**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଜିଲ୍ଲା ଇ-ଗୋଭରନେନ୍ସ ପରିଚାଳକ (DeGM),ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟଙ୍କ ଅବଗତି ଏବଂ ଜିଲ୍ଲା ୱେବସାଇଟ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରିବା ନିମନ୍ତେ ପ୍ରେରଣ କରାଗଲା।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**